ସୟଦ ମୋହିଦ୍ଦିନ ଏବଂ ଅନ୍ୟଜଣେ

ବନାମ

ରାମନାଥପୁରା ପେରିଆ ମୋଗଲାମ ଜାମଥ ଏବଂ ଅନ୍ୟମାନେ

(ଦେୱାନୀ ଆବେଦନ ସଂଖ୍ୟା 492/2003)

ଜୁଲାଇ 21, 2010

[ମାର୍କଣ୍ଡେୟ କାଟଜୁ ଏବଂ ଟି. ଏସ୍. ଥାକୁର, ନ୍ୟାୟାଧୀଶବୃନ୍ଦ]

*ୱାକଫ ଅଧିନିୟମ 1995:*

*ଧାରା 83 (5)-ୱାକ୍ଫ ନ୍ୟାୟାଧିକରଣ-କ୍ଷମତା -ନିର୍ଦ୍ଧିତ ଯେ ୱାକ୍ଫ ନ୍ୟାୟାଧିକରଣ୍ ଏକ ଦେୱାନୀ ନ୍ୟାୟାଳୟ ବୋଲି ବିବେଚନା କରାଯାଏ ଏବଂ ଏକ ମକଦ୍ଦମାର ବିଚାର କରିବା କିମ୍ବା ଏକ ଡିକ୍ରି କିମ୍ବା ଆଦେଶ କାର୍ଯ୍ୟକାରୀ କରିବା ସମୟରେ ଦେୱାନୀ ପ୍ରକ୍ରିୟା ସଂହିତା ଅନୁଯାୟୀ ଦେୱାନୀ ନ୍ୟାୟାଳୟ ଦ୍ୱାରା ପ୍ରୟୋଗ କରାଯାଉଥିବା ସମାନ କ୍ଷମତା ରହିଛି-ଦେୱାନୀ ନ୍ୟାୟାଳୟ Or. 39, rr. 1 ଏବଂ 2 ଏବଂ CPCର ଧାରା 151 ସର୍ତ୍ତାବଳୀ ଅନୁଯାୟୀ ନିଷେଧାଜ୍ଞା ଜାରି କରିବାକୁ ସକ୍ଷମ - ତେଣୁ ୱାକଫ ନ୍ୟାୟାଧିକରଣ ଦ୍ୱାରା ଆଇନଗତ ଭାବରେ ବିଚାରଯୋଗ୍ୟ ମକଦ୍ଦମାଗୁଡ଼ିକରେ ମଧ୍ୟ ସମାନ ନିଷିଦ୍ଧାଦେଶ ପାରିତ ହୋଇପାରିବ-ଯଦି ୱାକଫ ନ୍ୟାୟାଧିକରଣ, ପ୍ରାସଙ୍ଗିକ ତଥ୍ୟ ଏବଂ ମକଦ୍ଦମାସ୍ଥିତିକୁ ବିଚାର କରି, ଏହି ଉପସଂହାର ପହଞ୍ଚେ ଯେ ମଧ୍ୟବର୍ତ୍ତୀକାଳୀନ ନିଷେଧାଜ୍ଞା ମଞ୍ଜୁର ପାଇଁ ଏକ ମାମଲା ଆଗକୁ ଆସିଛି, ତେବେ ଏହା ଏ ମକଦ୍ଦମାରେ କୌଣସି ନିଷେଧାଜ୍ଞା ଜାରି କରିବାକୁ ମୁକ୍ତ ରହିବ-ଦେୱାନୀ କାର୍ଯ୍ୟାବିଧି ସଂହିତା, 1908- Or 39, rr. 1 ଏବଂ 2 ଏବଂ ଧାରା 158- ନିଷେଧାଜ୍ଞା ।*

ଦେୱାନୀ ଆବେଦନ ଅଧିକାରିତା :2003 ର ଦେୱାନୀ ଆବେଦନ ସଂଖ୍ୟା 492।

CRP ସଂଖ୍ୟା 1430/2001 ରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କର 24.01.2002 ତାରିଖର ରାୟ ଏବଂ ଆଦେଶରୁ ।

*ଆବେଦନକାରୀଙ୍କ (ବିଜୟ କୁମାରଙ୍କ ପାଇଁ) ପାଇଁ* କେ. ଭି. ବିଶ୍ୱନାଥନ, ବି. ରଘୁନାଥ ।

*ଉତ୍ତରଦାତାମାନଙ୍କ ପାଇଁ କେ. ରାମମୂର୍ତ୍ତି, ହରି ଶଙ୍କର କେ., ବିକାଶ ସିଂଜାଙ୍ଗ୍ରା ।*

ନ୍ୟାୟାଳୟଙ୍କ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା ।

ଆଦେଶ

ପ୍ରତିସ୍ଥାପନ ପାଇଁ ଆବେଦନକୁ ଅନୁମତି ଦିଆଯାଇଛି ।

ପକ୍ଷମାନଙ୍କ ତରଫରୁ ନିଯୋଜିତ ହୋଇଥିବା ବିଦ୍ୱାନ ଓକିଲଙ୍କୁ ଶୁଣାଗଲା ।

C.R.P. ସଂଖ୍ୟା 1430 /2001 ରେ ପାରିତ ହୋଇଥିବା ମାଡ୍ରାସ୍ ଉଚ୍ଚ ନ୍ୟାୟାଳୟଙ୍କର 24 ଜାନୁଆରୀ, 2002ର ଆକ୍ଷେପିତ ଆଦେଶ ବିରୁଦ୍ଧରେ ଏହି ଆବେଦନ ଦାଖଲ କରାଯାଇଛି ।

ବିସ୍ତୃତ ତଥ୍ୟଗୁଡ଼ିକ ଆକ୍ଷେପିତ ଆଦେଶରେ ଉପସ୍ଥାପିତ ହୋଇଛି ଏବଂ ସେଥିପାଇଁ ଆମେ ଏଠାରେ ତାହା ପୁନରାବୃତ୍ତି କରୁନାହୁଁ ।

ବିବାଦୀୟ ଆଦେଶକୁ ଅନୁଧ୍ୟାନ କରିବା ପରେ, ଆମେ ଆକ୍ଷେପିତ ଆଦେଶର ଅନୁଚ୍ଛେଦ 20 ଏବଂ 21ରୁ ଲକ୍ଷ୍ୟ କଲୁ ଯେ ଉଚ୍ଚ ନ୍ୟାୟାଳୟ କେବଳ ଏହା କହିଛନ୍ତି ଯେ ୱାକଫ ନ୍ୟାୟାଧିକରଣ ଦ୍ୱାରା କେତେକ ବିଷୟ ବିଚାରକୁ ନିଆଯାଇ ନଥିଲା, ଯାହାକୁ ବିଚାରକୁ ନେବା ଉଚିତ ଥିଲା । ତେଣୁ ଉଚ୍ଚ ନ୍ୟାୟାଳୟ ଏହି ମାମଲାକୁ ପ୍ରତିପ୍ରେରଣ କଲେ ।

ଆମେ ଉଚ୍ଚ ନ୍ୟାୟାଳୟଙ୍କ ଉପରୋକ୍ତ ମନ୍ତବ୍ୟ ସହିତ ସହମତ ଏବଂ ଏଥିରେ ହସ୍ତକ୍ଷେପ କରିବାର କୌଣସି କାରଣ ଦେଖୁନାହୁଁ । ତଥାପି, ଆମେ ଏହା ସ୍ପଷ୍ଟ କରିପାରିବା ଯେ ୱାକଫ ଅଧିନିୟମ 1995 ର ଧାରା 83 (5) ଅନୁଯାୟୀ ୱାକଫ ନ୍ୟାୟାଧିକରଣ ଏକ ଦେୱାନୀ ନ୍ୟାୟାଳୟ ବୋଲି ବିବେଚନା କରାଯାଏ ଏବଂ ଏକ ମକଦ୍ଦମାର ବିଚାର କରିବା କିମ୍ବା ଏକ ଡିକ୍ରି କିମ୍ବା ଆଦେଶ କାର୍ଯ୍ୟକାରୀ କରିବା ସମୟରେ ଦେୱାନୀ ପ୍ରକ୍ରିୟା ସଂହିତା, 1908 ଅନୁଯାୟୀ ଏହା ନିକଟରେ, ଦେୱାନୀ ନ୍ୟାୟାଳୟ ଦ୍ୱାରା ପ୍ରୟୋଗ କରାଯାଉଥିବା କ୍ଷମତା ପରି ସମାନ ରହିଛି । ଦେୱାନୀ ନ୍ୟାୟାଳୟ ଗୁଡ଼ିକ ଆଦେଶ XXXIX ନିୟମ 1 ଏବଂ 2 ଏବଂ C.P.Cର ଧାରା 151 ଅନୁଯାୟୀ ନିଷିଦ୍ଧାଦେଶ ଜାରି କରିବାକୁ ସକ୍ଷମ, ତେଣୁ ୱାକଫ୍ ନ୍ୟାୟାଧିକାରଣ ଦ୍ୱାରା ଆଇନଗତ ଭାବରେ ବିଚାରଯୋଗ୍ୟ ମୋକଦ୍ଦମାଗୁଡ଼ିକରେ ମଧ୍ୟ ସମାନ ନିଷିଦ୍ଧାଦେଶ ପ୍ରଦାନ କରାଯାଇପାରିବ, ଯଦି ସମ୍ପୃକ୍ତ ପକ୍ଷ ଦ୍ୱାରା ଏପରି ଆଦେଶ କିମ୍ବା ନିର୍ଦ୍ଦେଶ ପ୍ରଦାନ ପାଇଁ ଏକ ମାମଲା ଆଗକୁ ଆସେ ।

ତେବେ, ଏହି ପର୍ଯ୍ୟବେକ୍ଷଣର ଅର୍ଥ ଏହା ହେବ ନାହିଁ ଯେ ବର୍ତ୍ତମାନର ମାମଲାରେ ନିଷିଦ୍ଧାଦେଶ ଜାରି କରିବା ପାଇଁ କୌଣସି ମାମଲା ଆଗକୁ ଆସିଛି କି ନାହିଁ ସେ ବିଷୟରେ ଆମେ କୌଣସି ମତ ପ୍ରକାଶ କରୁଛୁ । ଆମେ କେବଳ ଏହା ସ୍ପଷ୍ଟ କରିବାକୁ ଚାହୁଁଛୁ ଯେ ଯଦି ୱାକଫ ନ୍ୟାୟାଧିକରଣ ସମସ୍ତ ପ୍ରାସଙ୍ଗିକ ତଥ୍ୟ ଏବଂ ପରିସ୍ଥିତିକୁ ବିଚାର କରି ଏହି ଉପସଂହାର ପହଞ୍ଚେ ଯେ ମଧ୍ୟବର୍ତ୍ତୀକାଳୀନ ନିଷିଦ୍ଧାଦେଶ ମଞ୍ଜୁର ପାଇଁ ଏକ ମାମଲା ଆଗକୁ ଆସିଛି, ତେବେ ଏହା କୁ ଏପରି କୌଣସି ନିଷିଦ୍ଧାଦେଶ ଜାରି କରିବାକୁ ମୁକ୍ତ ରହିବ । ଏହି ପର୍ଯ୍ୟବେକ୍ଷଣଗୁଡ଼ିକ ସହିତ ଆବେଦନଟି ଖାରଜ ହୋଇଯାଏ । ଏହି ଆଦେଶରେ ଦିଆଯାଇଥିବା କୌଣସି ପର୍ଯ୍ୟବେକ୍ଷଣ କିମ୍ବା ଆମ ନିକଟରେ ଥିବା ଆକ୍ଷେପିତ ଆଦେଶ ଦ୍ୱାରା ପ୍ରଭାବିତ ନହୋଇ ନ୍ୟାୟାଧିକରଣ ଏକ ମତଦେବେ । କୌଣସି ଖର୍ଚ୍ଚ ନହିଁ ।

R.P. ଆବେଦନ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।